# NATIONAL NEWS BULLETIN (ODIA)

## 24th November - 2025

## Evening Bulletin : 7.15 p.m.

**********************************

ଆକାଶବାଣୀ.....   ସମ୍ବାଦ ପଢ଼ୁଛନ୍ତି.....   **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଦେଶର ୫୩ତମ ପ୍ରଧାନ ବିଚାରପତି ଭାବେ ଆଜି ଶପଥ ନେଲେ ଜଷ୍ଟିସ ସୂର୍ଯ୍ୟ କାନ୍ତ ।

- ନୂତନ ଶ୍ରମ ସଂହିତା ମାଧ୍ୟମରେ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି; କହିଲେ ପ୍ରଧାନମନ୍ତ୍ରୀ ।

- ଭଗବତ୍ ଗୀତାର ବାର୍ତ୍ତା ମାନବିକତା ଲାଗି ଏକ ବିଶ୍ୱସ୍ତରୀୟ ମାର୍ଗଦର୍ଶନ ବୋଲି ପ୍ରତିରକ୍ଷା ମନ୍ତ୍ରୀଙ୍କ ମତବ୍ୟକ୍ତ ।

- ଲୋକପ୍ରିୟ ଅଭିନେତା ପଦ୍ମଭୂଷଣ ଧର୍ମେନ୍ଦ୍ରଙ୍କର ଆଜି ୮୯ ବର୍ଷ ବୟସରେ ମୁମ୍ବାଇଠାରେ ପରଲୋକ ।

— ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଶୋକବ୍ୟକ୍ତ ।

ଏବଂ

- ଗୁଆହାଟୀରେ ଚାଲିଥିବା ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ ମ୍ୟାଚ୍‌ର ପ୍ରଥମ ଇନିଙ୍ଗ୍‌ସରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ୨୦୧ ରନ୍‌ରେ ଅଲ୍‌ଆଉଟ୍ ।

## ପ୍ରେଜ୍ - ସି.ଜେ.ଆଇ.

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଦେଶର ୫୩ତମ ପ୍ରଧାନ ବିଚାରପତି ଭାବେ ଆଜି ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

ଗତ ଅକ୍ଟୋବର ମାସ ୩୦ ତାରିଖରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଦେଶର ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା । ଆଜିର ଶପଥଗ୍ରହଣ ଉତ୍ସବରେ ବ୍ରାଜିଲ ସମେତ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଏବଂ ଶ୍ରୀଲଙ୍କାର ପ୍ରଧାନ ବିଚାରପତିମାନେ ଉପସ୍ଥିତ ରହିଥିଲେ ।

ଆସନ୍ତା ୨୦୨୭ ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିବେ ।

# ପି.ଏମ୍. - ଆଟିକିଲ୍ ଲେବର୍

ଦେଶବ୍ୟାପୀ କାର୍ଯ୍ୟକାରୀ କରାଯାଇଥିବା ନୂତନ ଶ୍ରମ ସଂସ୍କାରଗୁଡ଼ିକ ମାଧ୍ୟମରେ ଏକ ଭବିଷ୍ୟତ ଉପଯୋଗୀ ଅର୍ଥନୀତିର ବିକାଶ, ମହିଳା ଶ୍ରମଶକ୍ତିକୁ ଅଧିକ ସଶକ୍ତ କରିବା ଏବଂ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଦେଶର ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ପ୍ରତିଫଳିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସାମାଜିକ ଗଣମାଧ୍ୟମରେ ଏହି ମତ ବ୍ୟକ୍ତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟଙ୍କ ଏ ସମ୍ପର୍କିତ ଏକ ଲେଖାକୁ ସେୟାର କରି ଶ୍ରୀ ମୋଦି କହିଛନ୍ତି, ବିଶ୍ୱସ୍ତରରେ ଏକ ବିଶ୍ୱସ୍ତ ଭାଗିଦାରୀ ଭାବେ ଭାରତର ଭୂମିକାକୁ ସମଗ୍ର ବିଶ୍ୱ ସ୍ୱୀକାର କରୁଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଦେଶବ୍ୟାପୀ ଲାଗୁ ହୋଇଥିବା ୪ଟି ଶ୍ରମ ସଂହିତା ଉପରେ ଆଜି ଆକାଶବାଣୀରେ ସନ୍ଧ୍ୟା ୭ଟା ୧୦ ମିନିଟ୍‌ରୁ ୭ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଫୋନ୍ ଇନ୍ କାର୍ଯ୍ୟକ୍ରମ ପ୍ରସାରଣ ଜାରି ରହିଛି । ଏଥିରେ ଶ୍ରୋତାମାନେ ନୂତନ ଶ୍ରମ ଆଇନ ସଂପର୍କରେ ପ୍ରଶ୍ନ ପଚାରିପାରିବେ । କେନ୍ଦ୍ର

ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଆଲୋକ ମିଶ୍ର ଷ୍ଟୁଡିଓରେ ଉପସ୍ଥିତ ରହି ଶ୍ରୋତାମାନଙ୍କ ପ୍ରଶ୍ନର ଉତ୍ତର ଦେବେ ।

ସେହିପରି ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ-୪.୦** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ପେନ୍‌ସନ୍ ଓ ପେନ୍‌ସନ ଭୋଗୀ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଧ୍ରୁବଜ୍ୟୋତି ସେନ୍‌ଗୁପ୍ତା, ଭାରତୀୟ ଏକକ ପରିଚୟ ପ୍ରାଧିକରଣର ଉପ-ମହାନିର୍ଦ୍ଦେଶକ ଅଭିଷେକ କୁମାର ସିଂହ ଏବଂ ପ୍ରତିରକ୍ଷା ଆକାଉଣ୍ଟ୍‌ସର ଯୁଗ୍ମ ନିୟନ୍ତ୍ରକ ମୋଲୀ ସେନ୍‌ଗୁପ୍ତା ଆଲୋଚନାରେ ଅଂଶ ଗ୍ରହଣ କରିବେ ।

ଉଭୟ କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରି ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ହରିୟାଣା - ରାଜନାଥ

ଭଗବତ୍ ଗୀତାର ବାର୍ତ୍ତା ମାନବିକତା ଲାଗି ଏକ ବିଶ୍ୱସ୍ତରୀୟ ମାର୍ଗଦର୍ଶନ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ଆଜି ହରିୟାଣାର କୁରୁକ୍ଷେତ୍ରରେ ଅନୁଷ୍ଠିତ ଆନ୍ତର୍ଜାତିକ ଗୀତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଭଗବଦ୍ ଗୀତାର ବାର୍ତ୍ତା କେବଳ ଭାରତ ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ବିଶ୍ୱର ବିଭିନ୍ନ ସ୍ଥାନରେ ଏହାର ପ୍ରତିଫଳନ ଦେଖିବାକୁ ମିଳୁଛି । ଏହି ବାର୍ତ୍ତା ଯୁବବର୍ଗଙ୍କ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେରଣାର ଉତ୍ସ ହୋଇଥିବାବେଳେ ପିଢ଼ି ପରେ ପିଢ଼ି ଜୀବନଶୈଳୀ ଉପରେ ସକାରାତ୍ମକ ପ୍ରଭାବ ପକାଇବାରେ ସକ୍ଷମ ହୋଇଛି । ଶ୍ରୀ ସିଂହ କହିଛନ୍ତି, ୫ ହଜାରରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ ପ୍ରଦାନ କରାଯାଇଥିବା ଗୀତାର ବାଣୀ ମାଧ୍ୟମରେ ମାନବିକତାକୁ ସୁଦୃଢ଼ କରିବା ଦିଗରେ ପ୍ରେରଣା ମଳିଥାଏ । ସମ୍ପ୍ରତି ପହଲ୍‌ଗାମ୍ ଘଟଣା ଉପରେ ମନ୍ତବ୍ୟ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଯେତେବେଳେ ଭାରତ ଶାନ୍ତିର ପକ୍ଷ ନେଇଥିଲା, ସମଗ୍ର ଦେଶ ଅପରେସନ୍ ସିନ୍ଦୂର ମାଧ୍ୟମରେ ଦୃଢ଼ ଭାବେ ଏହାକୁ ସମର୍ଥନ ଦେଇଥିଲା ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଓ କୁରୁକ୍ଷେତ୍ର ବିକାଶ ବୋର୍ଡ଼ଦ୍ୱାରା ଆୟୋଜିତ ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି **"କର୍ତ୍ତବ୍ୟ, ଶାନ୍ତି ଓ ସଦ୍‌ଭାବ ପ୍ରତି ସ୍ୱଧର୍ମ-ଉପସନା ଏବଂ ସ୍ୱଦେଶୀ ଚିନ୍ତାଧାରା"** ।

ଏହି ଅବସରରେ ଶ୍ରୀ ସିଂହ ହରିୟାଣାର ଗୀତା ମହୋତ୍ସବରେ ଦ୍ରୌପଦୀ କୁପ ଅଞ୍ଚଳରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରତିଷ୍ଠା କରାଯାଇଥିବା ହରିୟାଣା ପ୍ୟାଭିଲିୟନ୍‌ର ଉଦ୍‌ଘାଟନ କରିଛନ୍ତି ।

## ପିଏମ୍- ଅଯୋଧ୍ୟା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରଠାରେ ଧ୍ୱଜାରୋହଣ ସମାରୋହରେ ଯୋଗଦେଇ ଧ୍ୱଜା ଉତ୍ତୋଳନ କରିବେ । ମନ୍ଦିର ନିର୍ମାଣ କାର୍ଯ୍ୟର ଶେଷହେବା ପରିପ୍ରେକ୍ଷୀରେ ମାର୍ଗଶୀର ମାସ ଶୁକ୍ଲ ପଞ୍ଚମୀରେ ଏହି ଧ୍ୱଜା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହେଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ଏକ ରୋଡ୍ ଶୋ'ରେ ମଧ୍ୟ ଯୋଗଦେବେ । ଏହା ପୂର୍ବରୁ  ଶ୍ରୀ ମୋଦୀ ସପ୍ତମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।  ଏହି ମନ୍ଦିର ମହର୍ଷି ବଶିଷ୍ଠ, ମହର୍ଷି ବିଶ୍ୱନାଥ, ମହର୍ଷି ଅଗସ୍ତ୍ୟ, ମହର୍ଷି ବାଲ୍ମିକୀ, ଦେବୀ ଅହଲ୍ୟା, ନିଶଦରାଜ ଗୁହା ଓ ମାତା ସାବରୀବାଇ ପ୍ରସିଦ୍ଧ । ପରେ ପ୍ରଧାନମନ୍ତ୍ରୀ ମାତା ଅନ୍ନପୂର୍ଣ୍ଣା ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ଡିଫେନ୍ସ ସେକ୍ରେଟାରୀ - ଓମାନ୍

ଭାରତ-ଓମାନ ତ୍ରୟୋଦଶ ଯୁଗ୍ମ ସାମରିକ ସହଯୋଗ କମିଟି ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଏବଂ ଓମାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟର ମହାସଚିବ ଡକ୍ଟର ମହମ୍ମଦ ବିନ୍ ନାସୀର ବିନ୍ ଅଲି ଅଲ୍ ଜାବି ଏହି ବୈଠକରେ ସହ-ଅଧ୍ୟକ୍ଷତା କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷୀର ସମ୍ପର୍କକୁ ଅଧିକ ସଶକ୍ତ କରିବା ସହିତ ପ୍ରତିରକ୍ଷା ଭାଗିତାରୀର ଅଗ୍ରଗତି ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଛି । ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ପ୍ରତିରକ୍ଷା ଶିଳ୍ପ ସହଯୋଗ ଓ ଯୁଗ୍ମ ବିକାଶ, ଜ୍ଞାନକୌଶଳ ଆଦାନ ପ୍ରଦାନ ଏବଂ ଉତ୍ପାଦନ ଭାଗିଦାରୀକୁ ଅଧିକ ସମ୍ପ୍ରସାରିତ କରିବା ଦିଗରେ ଉଭୟ ପକ୍ଷର ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି । ଡକ୍ଟର ଜାବି’ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଶେଠ୍‌ଙ୍କ ସହ ଦ୍ୱିପକ୍ଷୀୟ ପ୍ରତିରକ୍ଷା ସହଯୋଗ ସମ୍ପର୍କରେ ଆଲୋଚନା କରିବା ସହିତ ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନିଲ୍ ଚୌହାନ୍‌ଙ୍କ ସହିତ ମଧ୍ୟ ଏକ ବୈଠକରେ ଯୋଗ ଦେଇଥିଲେ ।

# ଧର୍ମେନ୍ଦ୍ର - ପାସ୍‌ଡ୍ ଆୱେ

ଲୋକପ୍ରିୟ ଅଭିନେତା ପଦ୍ମଭୂଷଣ ଧର୍ମେନ୍ଦ୍ରଙ୍କର ଆଜି ସକାଳେ ତାଙ୍କର ମୁମ୍ବାଇସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ୮୯ ବର୍ଷ ବୟସ୍କ ଏହି ପ୍ରସିଦ୍ଧ ଅଭିନେତାଙ୍କ ଗତ କିଛିଦିନ ଧରି ବିଭିନ୍ନ ଶରୀରିକ ଅସୁସ୍ଥତା ଲାଗି ରହିଥିଲା ।  ଦେଶର ପ୍ରମୁଖ ଅଭିନେତା, ନେତା ତଥା ବିଭିନ୍ନ ବର୍ଗର ବ୍ୟକ୍ତିମାନେ ଏହି ଖବର ପାଇ ଧର୍ମେନ୍ଦ୍ରଙ୍କ ବାସଭବନରେ ତାଙ୍କର ଶେଷ ଦର୍ଶନ କରିଛନ୍ତି । ସନ୍ଧ୍ୟାରେ ମୁମ୍ବାଇର ପବନହଂସ ଶ୍ମଶାନଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

୧୯୬୦ ମସିହାରେ ବଲିଉଡ୍‌ରେ 'ଦିଲ୍ ଭି ତେରା - ହମ୍ ଭି ତେରେ' ଚଳଚ୍ଚିତ୍ର ମାଧମରେ ନିଜର ଅଭିନୟ ଜୀବନ ଆରମ୍ଭ କରିଥିବା ଏହି ମହାନ୍ ଅଭିନେତାଙ୍କୁ ୨୦୨୪ ମସିହାରେ ଚଳଚ୍ଚିତ୍ର 'ତେରୀ ବାତୋଁ ମେ ଐସା ଉଲ୍‌ଝା ଜିୟା'ରେ ଶେଷ ଥରଲାଗି  ଅଭିନୟ କରିବାର ଦେଖିବାକୁ ମିଳିଥିଲା । ୧୯୩୫ ମସିହା ଡିସେମ୍ବର ୮ ତାରିଖରେ ଲୁଧିଆନାରେ ଜନ୍ମଗ୍ରହଣ କରିଥିବା ଏହି ଅଭିନେତା ଜୀବନବ୍ୟାପୀ ୩ ଶହରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ କାର୍ଯ୍ୟ କରିଛନ୍ତି । ଧର୍ମେନ୍ଦ୍ରଙ୍କୁ ୨୦୧୨ ମସିହାରେ ପଦ୍ମଭୂଷଣରେ, ୧୯୯୭ ମସିହାରେ ଫିଲ୍ମ ଫେୟାର ଜୀବନବ୍ୟାପୀ ସଫଳତା ପୁରସ୍କାର ଏବଂ ୨୦୦୭ ମସିହାରେ ଆନ୍ତର୍ଜାତିକ ଭାରତୀୟ ଚଳଚ୍ଚିତ୍ର ଏକାଡେମୀ ପୁରସ୍କାର ସମେତ ଅନେକ ପୁରସ୍କାର ସେ ସମ୍ମାନିତ

କରାଯାଇଛି । ତାଙ୍କର ଅଭୀନିତ ଲୋକପ୍ରିୟ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରେ 'ଶୋଲେ, ଡ୍ରିମ୍‌ଗାର୍ଲ, ସୀତା ଔର ଗୀତା, ଧରମ୍‌ବୀର, ଦୋସ୍ତ ଆଦି ଚଳଚ୍ଚିତ୍ର ରହିଛି । ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟି ଟିକେଟ୍‌ରେ ଏହି ମହାନ୍ ଅଭିନେତା ରାଜସ୍ଥାନର ବିକାନେର୍ ଲୋକସଭା ଆସନରୁ ବିଜୟୀ ହୋଇ ସଂସଦ ସଦସ୍ୟ ହୋଇଥିଲେ ।

ଧର୍ମେନ୍ଦ୍ରଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମରେ ଦୁଃଖ ପ୍ରକାଶ କରିବା ସହ ଭାରତୀୟ ସିନେମାର ଏହା ଏକ ବଡ଼ କ୍ଷତି ବୋଲି କହିଛନ୍ତି । ଭାରତୀୟ ସିନେମାରେ ଛାଡ଼ି ଯାଇଥିବା ଏହି ମହାନ୍ ଅଭିନେତାଙ୍କର କାର୍ଯ୍ୟ ଯୁବବର୍ଗ କଳାକାରଙ୍କୁ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି ଉଲ୍ଲେଖ କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ନିଜ ଶୋକବାର୍ତ୍ତାରେ କହିଛନ୍ତି, ନିଜର ଉଲ୍ଲେଖନୀୟ ଅଭିନୟ ତଥା କଳାପ୍ରତି ଉତ୍ସର୍ଗୀକୃତ କାର୍ଯ୍ୟପାଇଁ ଭାରତୀୟ ସିନେମା ଜଗତରେ ଧର୍ମେନ୍ଦ୍ର ସ୍ମରଣୀୟ ହୋଇ ରହିବେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରିଷ୍ଠ ଅଭିନେତା ଧର୍ମେନ୍ଦ୍ରଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ଭାରତୀୟ ସିନେମା ଜଗତରେ ଏକ ଯୁଗର ପରିସମାପ୍ତି ଘଟିଲା ବୋଲି ମତବ୍ୟକ୍ତ କରିଛନ୍ତି । ବିଭିନ୍ନ ଚରିତ୍ରରେ ନିଖୁଣ ଭାବରେ ଅଭିନୟ କରିବା ସହିତ ନିଜର ନମ୍ରତା ଓ ସରଳତା ଲାଗି ସେ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ଜିଣି ପାରିଥିଲେ ବୋଲି ଶ୍ରୀ ମୋଦି କହିଛନ୍ତି ।

# ମେନ୍‌ସ କ୍ରିକେଟ୍

ଗୁଆହାଟୀର ବର୍ଷାପାରା କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଆଜି ତୃତୀୟ ଦିନରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଇନିଙ୍ଗ୍‌ସ୍‌ରେ ୨୦୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି । ଏଥିସହିତ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଙ୍ଗ୍‌ସରେ ୨୮୮ ରନ୍‌ରେ ଆଗୁଆ ରହିଛି ।

ଭାରତ ପ୍ରଥମ ଇନିଙ୍ଗ୍‌ରେ ଏକଦା ୯୫ ରନ୍‌ରେ ଗୋଟିଏ ୱିକେଟ୍ ହରାଇଥିବାବେଳେ ପରବର୍ତ୍ତୀ ୬ଟି ୱିକେଟ୍ ମାତ୍ର ୨୭ ରନ୍‌ରେ ପଡ଼ିଯାଇଥିଲା । ଦକ୍ଷିଣ ଆଫ୍ରିକାର ମାର୍କୋ ଜାନ୍‌ସେନ୍ ୬ଟି ୱିକେଟ୍ ଆକ୍ତିଆର କରିଛନ୍ତି । ପ୍ରଥମ ଇନିଙ୍ଗ୍‌ସ୍‌ରେ ୪୮୯ ରନ୍ କରିଥିବା ଦକ୍ଷିଣ ଆଫ୍ରିକା ଦଳ ଭାରତକୁ ଫଲୋଅନ୍ ନ ଦେଇ ଦ୍ୱିତୀୟ ଇନିଙ୍ଗ୍‌ସ ଆରମ୍ଭ କରିଛି । ଆଜି ତୃତୀୟ ଦିନରେ ଷ୍ଟମ୍ପ୍ ଅପସାରଣ ସମୟରେ ଦକ୍ଷିଣ ଆଫ୍ରିକା କୌଣସି ୱିକେଟ୍ ନ ହରାଇ ୨୬ ରନ୍ ସଂଗ୍ରହ କରିଛି । ଓପନର ରିଆନ୍ ରିକେଲ୍‌ଟନ୍ ଏବଂ ଏଡେନ୍ ମାର୍କରାମ୍ ଅପରାଜିତ ଅଛନ୍ତି । କୋଲ୍‌କାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ୩୦ ରନ୍‌ରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

# ପାକ୍ - ଗନ୍ ମେନ୍ ଆଟାକ୍

ପାକିସ୍ତାନର ପେଶୱାର ସ୍ଥିତ ଅର୍ଦ୍ଧସାମରିକ ବାହିନୀ ମୁଖ୍ୟାଳୟରେ ଏକ ଆତ୍ମଘାତୀ ଆକ୍ରମଣରେ ୩ ଜଣ ସୁରକ୍ଷା କର୍ମୀ ପ୍ରାଣ ହରାଇଛନ୍ତି । ଏଥିସହିତ ୨ ଜଣ ସୁରକ୍ଷା କର୍ମୀ ଓ ୩ ଜଣ ସାଧାରଣ ନାଗରିକ ଗୁରୁତର ଆହତ ହୋଇଛନ୍ତି ବୋଲି ସହରର ପୁଲିସ୍ ମୁଖ୍ୟ ମିଆନ୍ ସୟିଦ ସୂଚନା ଦେଇଛନ୍ତି । ସେ କହିଛନ୍ତି, ୩ ଜଣ ଆତ୍ମଘାତୀ ଆକ୍ରମଣକାରୀ ଏହି ଅର୍ଦ୍ଧସାମରିକ ମୁଖ୍ୟାଳୟକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବାବେଳେ ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ନିହତ ହୋଇଛନ୍ତି ।

*****